# ୧୨

# ଭାରତର ଉଚ୍ଚତମ ନ୍ୟାୟାଳୟ

ଉଚ୍ଚତମ ନ୍ୟାୟାଳୟ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅଟେ । ଏହା ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଶୀର୍ଷରେ ଅବସ୍ଥିତ । ପୂର୍ବବର୍ତ୍ତୀ ଦୁଇଟି ପାଠ୍ୟକ୍ରମରେ ତୁମକୁ ଶିଖାଯାଇଛି ଯେ, କେନ୍ଦ୍ରୀୟ ବ୍ୟବସ୍ଥାପିକା, ଯାହାକୁ ସଂସଦ ବୋଲି କୁହାଯାଏ, ତାହା ସାରା ରାଷ୍ଟ୍ର ପାଇଁ କେନ୍ଦ୍ର ତାଲିକା ଓ ଯୁଗ୍ମ ତାଲିକାକୁ ଭିତ୍ତି କରି ଆଇନ ପ୍ରଣୟନ କରିଥାଏ ଓ କାର୍ଯ୍ୟପାଳିକା ଯାହା ରାଷ୍ଟ୍ରପତି, ମନ୍ତ୍ରୀମଣ୍ଡଳ ଓ ଅମଲାତନ୍ତ୍ରକୁ ନେଇ ଗଠିତ, ସେହି ଆଇନକୁ କାର୍ଯ୍ୟକାରୀ କରେ । ନ୍ୟାୟପାଳିକା, ଯାହା ସରକାରଙ୍କର ତୃତୀୟ ଅଙ୍ଗ ବୋଲି କୁହାଯାଏ, ତାହାର ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହା ବିବାଦ ସମାଧାନ କରେ, ଆଇନର ବ୍ୟାଖ୍ୟା କରେ, ମୌଳିକ ଅଧିକାରକୁ ସୁରକ୍ଷା ଦିଏ ଓ ସମ୍ବିଧାନର ରକ୍ଷକ ଭାବେ କାର୍ଯ୍ୟ କରେ । ଏହି ପାଠ୍ୟକ୍ରମରେ ତମେ ଶିଖିବ ଯେ, ଭାରତରେ ଏକକ, ଏକୀକୃତ ଓ ସୁସଂହତ ନ୍ୟାୟିକ ବ୍ୟବସ୍ଥା ରହିଛି ଓ ଉଚ୍ଚତମ ନ୍ୟାୟାଳୟ ସର୍ବୋଚ୍ଚ ନ୍ୟାୟାଳୟ ଅଟେ ।




(ଉଚ୍ଚତମ ନ୍ୟାୟାଳୟର ଏକ ଦୃଶ୍ୟ)

## ଉଦ୍ଦେଶ୍ୟ :

ଏହି ପାଠ୍ୟକ୍ରମ ପଢ଼ିଲା ପରେ ତୁମ୍ଭେମାନେ

- ଜାଣିପାରିବ ଯେ, ଭାରତରେ ଏକ ଏକକ ଏକୀକୃତ ଓ ସୁସଂହତ ନ୍ୟାୟିକ ବ୍ୟବସ୍ଥା ରହିଛି ।
- ଭାରତର ଉଚ୍ଚତମ ନ୍ୟାୟାଳୟର ଗଠନ ଓ ଆକୃତି ବର୍ଣ୍ଣନା କରିପାରିବ ।



Notes

- ଭାରତର ଉଚ୍ଚତମ ନ୍ୟାୟାଳୟର କ୍ଷମତା ଓ ପରିସର ବୁଝାଇ ପାରିବ ।
- ଭାରତୀୟ ସମ୍ବିଧାନ ଓ ମୌଳିକ ଅଧିକାର ଗୁଡ଼ିକର ରକ୍ଷକ ହିସାବରେ ଉଚ୍ଚତମ ନ୍ୟାୟାଳୟର ଭୂମିକା ବିଷୟରେ ଅବଗତ ହୋଇପାରିବ ।
- ଜାଣିପାରିବ ଯେ ଜନସ୍ୱାର୍ଥ ମାମଲା ଆମ ଅଧିକାରଗୁଡ଼ିକୁ ସୁରକ୍ଷା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ।

## ୧୨.୧ ଏକକ ଏକିକୃତ ଓ ସୁସଂହତ ନ୍ୟାୟିକ ବ୍ୟବସ୍ଥା

ଭାରତୀୟ ସମ୍ବିଧାନର ପ୍ରମୁଖ ବୈଶିଷ୍ଟ୍ୟ ପାଠ୍ୟକ୍ରମରେ ତୁମେମାନେ ପଢ଼ିଛ ଯେ ଆମ ନ୍ୟାୟାପାଳିକାର ଭିନ୍ନ ବୈଶିଷ୍ଟ୍ୟ ହେଲା ଏହା ସାରା ଦେଶ ପାଇଁ ଏକକ ଏକିକୃତ ଓ ସୁସଂହତ ନ୍ୟାୟିକ ବ୍ୟବସ୍ଥା ଯୋଗାଇ ଥାଏ । ଏକକ ନ୍ୟାୟପାଳିକା ଏକ ଶ୍ରେଣୀବଦ୍ଧ ନ୍ୟାୟାଳୟକୁ ପ୍ରତିନିଧିତ୍ୱ କରେ । ଏଥିରେ ଉଚ୍ଚତମ ନ୍ୟାୟାଳୟ ଶୀର୍ଷରେ ଥାଏ ଓ ଉଚ୍ଚ ନ୍ୟାୟାଳୟଗୁଡ଼ିକ ରାଜ୍ୟସ୍ତରରେ ଦେଖାଯାଏ, ଉଚ୍ଚନ୍ୟାୟାଳୟ ତଳକୁ କେତେକ ଅଧସ୍ତନ ନ୍ୟାୟାଳୟ ରହିଥାଏ ଯଥା ଜିଲ୍ଲା ଅଦାଲତ ଯାହା ଦେୱାନୀ ମକଦ୍ଦମା ବିଚାର କରେ ଓ ଦୌରା କୋର୍ଟ ଯାହା ଫୌଜଦାରୀ ମାମଲାର ବିଚାର କରେ ।

### ଭାରତୀୟ ନ୍ୟାୟିକ ବ୍ୟବସ୍ଥା

ଉଚ୍ଚତମ ନ୍ୟାୟାଳୟ
↓
ରାଜ୍ୟ ଉଚ୍ଚ ନ୍ୟାୟାଳୟ
↓
ଅଧସ୍ତନ ନ୍ୟାୟାଳୟ ବା ତଳ କୋର୍ଟ

## ୧୨.୨ ଉଚ୍ଚତମ ନ୍ୟାୟାଳୟ

ଉଚ୍ଚତମ ନ୍ୟାୟାଳୟ ଭାରତର ଶୀର୍ଷ ନ୍ୟାୟିକ ଅଧିକାରୀ ଅଟେ । ଏହା ମୁଖ୍ୟ ବିଚାରପତି ଓ ୨୫ଅନ୍ୟ ବିଚାରପତିଙ୍କୁ ନେଇ ଗଠିତ । ଆବଶ୍ୟକ ପଡ଼ିଲେ ସଂସଦ ବିଚାରପତି ମାନଙ୍କ ସଂଖ୍ୟା ବଢ଼ାଇପାରେ । ପ୍ରାରମ୍ଭରୁ ମୁଖ୍ୟ ବିଚାରପତିଙ୍କୁ ଛାଡ଼ି ଉଚ୍ଚତମ ନ୍ୟାୟାଳୟରେ ୭ଗୋଟି ଅନ୍ୟ ବିଚାରପତି ଥିଲେ । ବିଚାରପତିଙ୍କ ସଂଖ୍ୟା ସଂସଦଦ୍ୱାରା ବେଳକୁ ବେଳ ବଢ଼ାଯାଇଛି । ୨୦୦୫ ମସିହା ସୁଦ୍ଧା ଏଥିରେ ଜଣେ ମୁଖ୍ୟ ବିଚାରପତିଙ୍କ ଛଡ଼ା ୨୫ଜଣ ଅନ୍ୟ ବିଚାରପତି ରହିଛନ୍ତି ।

ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇଥାଆନ୍ତି । ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତି କଲାବେଳେ ସମ୍ବିଧାନିକ ଆବଶ୍ୟକତା ଅନୁଯାୟୀ ରାଷ୍ଟ୍ରପତି ଅନ୍ୟ ବିଚାରପତିମାନଙ୍କ ସହିତ ପରାମର୍ଶ କରିପାରନ୍ତି କିନ୍ତୁ ଏଥିଲାଗି ବିଦାୟୀ ମୁଖ୍ୟ ବିଚାରପତିଙ୍କୁ ସବୁବେଳେ ପରାମର୍ଶ କରାଯାଏ । ଯଦିଓ ସମ୍ବିଧାନିକ ଆବଶ୍ୟକତା ନାହିଁ ତଥାପି ସାଧାରଣତଃ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ବିଚାରପତିଙ୍କୁ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଏ । ଅନ୍ୟ ବିଚାରପତିମାନଙ୍କୁ ନିଯୁକ୍ତି ଦେଲାବେଳେ ରାଷ୍ଟ୍ରପତି ଠିକ୍ ବୋଲି ଉପଲବ୍ଧି କଲେ, ମୁଖ୍ୟ ବିଚାରପତି ଓ ଅନ୍ୟ ବରିଷ୍ଠ ବିଚାରପତିମାନଙ୍କୁ ମରାମର୍ଶ କରିପାରିବେ ।

ଉଚ୍ଚତମ ନ୍ୟାୟାଳୟରେ କୌଣସି ପଦବୀ ଖାଲି ରହିଲେ ମୁଖ୍ୟ ବିଚାରପତି ଓ ଚାରିଜଣ ବରିଷ୍ଠ ବିଚାରପତି ମିଶି ବିଭିନ୍ନ ନାମସବୁ ବିଚାରକରି ବିଚାରପତି ଭାବେ ନିଯୁକ୍ତି ଦେବାପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ କରନ୍ତି । ଏହା ଉଚ୍ଚତମ ନ୍ୟାୟାଳୟର ଏକ ସାମ୍ବିଧାନିକ ପୀଠର ଆଦେଶ (ଯାହା ୧୯୯୩ ରେ ଦିଆଯାଇ

୧୯୯୯ ଠାରୁ କାର୍ଯ୍ୟକାରୀ ହେଲା) ଉପରେ ଆଧାରିତ । ଏହିପରି, ଯଦିଓ ସମ୍ବିଧାନ ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦିଅନ୍ତି, ୧୯୯୯ ପରଠାରୁ ଉଚ୍ଚତମ ନ୍ୟାୟାଳୟର ଆଦେଶ ବସ୍ତୁତଃ ରାଷ୍ଟ୍ରପତିଙ୍କ ପାଇଁ ପ୍ରତିବାଧତାମୂଳକ ହୋଇପଡ଼ିଛି । ବିଚାରପତିମାନଙ୍କର ଚୟନ କରିବା କ୍ଷମତା, ଉଚ୍ଚତମ, ନ୍ୟାୟାଳୟର ଏକ ବିଚାରପତି ଗୋଷ୍ଠୀପାଖକୁ ଚାଲିଯାଇଛି ଯାହାକୁ ବିଚାରପତି ମଣ୍ଡଳୀ ବୋଲି କୁହାଯାଏ । ଔପଚାରିକତା ଦୃଷ୍ଟିକୋଣରୁ ଆଇନ ମନ୍ତ୍ରାଳୟର ଅନୁଷ୍ଠାନିକ ସୁପାରିଶ କ୍ରମେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟଦ୍ୱାରା ମନୋନୀତ ବ୍ୟକ୍ତିମାନଙ୍କୁ ନିଯୁକ୍ତି ହେଇଥାଆନ୍ତି ।

## ୧୨.୨.୧: ଯୋଗ୍ୟତା କାର୍ଯ୍ୟକାଳ ଓ ବିଚାରପତିମାନଙ୍କର ବହିଷ୍କାର

ଉଚ୍ଚତମ ନ୍ୟାୟାଳୟର ବିଚାରପତିରୂପେ ନିଯୁକ୍ତି ପାଇବା ପାଇଁ ଜଣେ ବ୍ୟକ୍ତି ଭାରତୀୟ ନଗରିକ ହୋଇଥିବେ ଓ ନିମ୍ନୋକ୍ତ ଯେ କୌଣସି ଗୋଟିଏ ସର୍ତ୍ତ ପୂରଣ କରୁଥିବେ ।

(କ) ସେ ଅନ୍ୟୂନ ପାଞ୍ଚବର୍ଷ ଏକ ବା ଏକାଧିକ ଉଚ୍ଚ ନ୍ୟାୟାଳୟର ବିଚାରପତି ହୋଇଥିବେ । କିମ୍ବା


(ଖ) ସେ ଅନ୍ୟୁନ ଦଶବର୍ଷ ଏକ ବା ଏକାଧିକ ଉଚ୍ଚ ନ୍ୟାୟାଳୟରେ ଅଧିବକ୍ତା ରୂପେ କାର୍ଯ୍ୟ କରିଥିବେ । କିମ୍ବା

(ଗ) ରାଷ୍ଟ୍ରପତିଙ୍କ ମତରେ ସେ ଜଣେ ବିଶିଷ୍ଟ ଆଇନଜ୍ଞ ହୋଇଥିବେ ।

ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟରେ ରହିପାରିବେ । ଜଣେ ବିଚାରପତି ଅବସର ଗ୍ରହଣ ପୂର୍ବରୁ ଇଚ୍ଛା ଅନୁସାରେ ନିଜ ପଦବୀରୁ ଇସ୍ତଫା ଦେଇ ପାରନ୍ତି । ଆବଶ୍ୟକ ପଡ଼ିଲେ ସମ୍ବିଧାନ ପଦ୍ଧତି ଅନୁଯାୟୀ ଅବସର ପୂର୍ବରୁ ଜଣେ ବିଚାରପତିଙ୍କୁ ବହିଷ୍କାର କରାଯାଇ ପାରେ । ପ୍ରମାଣିତ ଅସାଦାଚରଣ ବା ଅପାରଗତା ଅଭିଯୋଗରେ ଏକ ମହାଭିଯୋଗ ପ୍ରସ୍ତାବ ସଂସଦର ଉଭୟ ଗୃହର ମୋଟ ସଭ୍ୟସଂଖ୍ୟାର ଅର୍ଦ୍ଧାଧିକ ଓ ଉପସ୍ଥିତ ଥିବା ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଗୃହୀତ ହୋଇ ଯଦି ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଏ, ତେବେ ରାଷ୍ଟ୍ରପତି ସେ ବିଚାରପତିଙ୍କୁ ବହିଷ୍କାର କରିପାରିବେ। ଏ ପର୍ଯ୍ୟନ୍ତ ଉଚ୍ଚତମ ନ୍ୟାୟାଳୟର ଜଣେ ବିଚାରପତିଙ୍କ ବିରୁଦ୍ଧରେ ଏହିପରି ଏକ ମହାଭିଯୋଗ ପ୍ରସ୍ତାବ ଆସିଥିଲା; କିନ୍ତୁ ସଂସଦଦ୍ୱାରା ମହାଭିଯୋଗ ପ୍ରସ୍ତାବଟି ବିଧିବଦ୍ଧ ଭାବେ ଗୃହୀତ ନହୋଇପାରିବାରୁ ସେ ବହିଷ୍କୃତ ହୋଇପାରିଲେ ନାହିଁ। ଏଥିରୁ ସ୍ପଷ୍ଟଭାବେ ଜଣାପଡ଼େ ଯେ ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କ କାର୍ଯ୍ୟକାଳ ସୁରକ୍ଷିତ ଅଟେ ଓ କାର୍ଯ୍ୟପାଳିକା ଚାହିଁଲେ ସେମାନଙ୍କୁ ମନଇଚ୍ଛା ବହିଷ୍କାର କରିପାରିବ ନାହିଁ । ଉଚ୍ଚତମ ନ୍ୟାୟାଳୟ ବିଚାରପତିମାନେ ଅବସର ଗ୍ରହଣ କରିବା ପରେ ଭାରତର କୌଣସି ନ୍ୟାୟାଳୟରେ ବା ଅଧିକାରୀଙ୍କ ପାଖରେ ଓକିଲାତି କରିପାରିବେ ନାହିଁ। ସଂସଦ ଦ୍ୱାରା ବେଳକୁ ବେଳ ସ୍ଥିର କରାଯାଇଥିବା ରାଶି ଉଚ୍ଚତମ ନ୍ୟାୟାଳୟର ବିଚାରପତି ମାନଙ୍କୁ ଦରମା ଆକାରରେ ପ୍ରଦାନ କରାଯାଏ ।

## ୧୨.୨.୨ ଅଭିଲେଖ ଅଦାଲତ

ଉଚ୍ଚତମ ନ୍ୟାୟାଳୟ ଏକ ଅଭିଲେଖ ଅଦାଲତ ଅଟେ । ଏହାର ଦୁଇଟି ନିହିତାର୍ଥ ରହିଛି । ଉଚ୍ଚତମ ନ୍ୟାୟାଳୟର ସମସ୍ତ ରାୟ ଓ ନିଷ୍ପତ୍ତିକୁ ଦେଶର ଅନ୍ୟ ନ୍ୟାୟାଳୟ ଗୁଡ଼ିକ ପ୍ରମାଣସିଦ୍ଧ ରୂପେ ଗ୍ରହଣ କରନ୍ତି । ଏଗୁଡ଼ିକ ଆଇନ ପରି ଯାହା ସମସ୍ତ ଅଦାଲତ ଏପରିକି ଉଚ୍ଚନ୍ୟାୟାଳୟ ମଧ୍ୟ ମାନିବାକୁ ବାଧ୍ୟ । ଅଭିଲେଖ ଅଦାଲତ ହିସାବରେ ଅଦାଲତ ଅବମାନନା ଅଭିଯୋଗରେ ଉଚ୍ଚତମ ନ୍ୟାୟାଳୟ କୌଣସି ବ୍ୟକ୍ତିଙ୍କୁ କାରାଗାରକୁ ପଠାଇ ପାରନ୍ତି ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୨.୧

**ଶୂନ୍ୟସ୍ଥାନ ପୂରଣ କର :**

(i) ଉଚ୍ଚତମ ନ୍ୟାୟାଳୟର ବିଚାରପତିମାନେ — ଦ୍ୱାରା ନିଯୁକ୍ତି ଯାଇଥାଆନ୍ତି ।
(ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଆଇନମନ୍ତ୍ରୀ)

(ii) ଭାରତର ଉଚ୍ଚତମ ନ୍ୟାୟାଳୟ ଜଣେ ମୁଖ୍ୟ ବିଚାରପତି ଓ — ଜଣ ଅନ୍ୟ ବିଚାରପତି ମାନଙ୍କୁ ନେଇ ଗଠିତ । (୨୩ / ୨୫ / ୨୭)

(iii) ଉଚ୍ଚତମ ନ୍ୟାୟାଳୟର ବିଚାରପତି ମାନେ — ବର୍ଷ ବୟସରେ ଅବସର ନେଇଥାଆନ୍ତି ।
(୬୦, ୬୨, ୬୫)

(iv) ରାଷ୍ଟ୍ରପତିଙ୍କ ମତରେ ଜଣେ ବିଶିଷ୍ଟ — ଉଚ୍ଚତମ ନ୍ୟାୟାଳୟର ବିଚାରପତି ରୂପେ ନିଯୁକ୍ତି ପାଇ ପାରିବେ । (ଶିକ୍ଷାବିତ୍ / ଆଇନଜ୍ଞ / ରାଜନେତା)

## ୧୨.୩ ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ ପରିସର

ମକଦ୍ଦମା ଗୁଡ଼ିକ ଶୁଣାଣି କରି ବିଚାର କରିବା କ୍ଷମତା ପରିସରକୁ ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ ପରିସର ବୋଲି କୁହାଯାଏ । ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ ପରିସର ତିନି ପ୍ରକାର ଯଥା ମୌଳିକ, ଆବେଦନ ମୂଳକ ଓ ପରାମର୍ଶଦାନ କ୍ଷମତା । ଚାଲ ବର୍ତ୍ତମାନ ସେହି ତିନୋଟି କାର୍ଯ୍ୟ ପରିସରକୁ ପରୀକ୍ଷା କରିବା ।

### ୧୨.୩.୧ ମୌଳିକ କ୍ଷମତା

ଏପରି କିଛି ମକଦ୍ଦମା ରହିଛି ଯାହାକି ଉଚ୍ଚତମ ନ୍ୟାୟାଳୟର ନିଜସ୍ୱ କାର୍ଯ୍ୟ ପରିସର ମଧ୍ୟରେ ସ୍ଥାନ ପାଇଥାଏ । ଅର୍ଥାତ୍ ଏହିସବୁ ମକଦ୍ଦମାଗୁଡ଼ିକ କେବଳ ଉଚ୍ଚତମ ନ୍ୟାୟାଳୟରୁ ଉତ୍ପତ୍ତି ଲାଭ କରିଥାଏ । ସେହି ମକଦ୍ଦମା ସବୁ ଅନ୍ୟ କୌଣସି ଅଦାଲତରେ ବିଚାର କରାଯାଇ ପାରିବ ନାହିଁ । ଏହି ବିବାଦ ବା ମକଦ୍ଦମା ସବୁ ନିମ୍ନରେ ପ୍ରଦତ୍ତ କରାଗଲା ।

(i)(କ) ଏକ ପକ୍ଷରେ ଭାରତ ସରକାର ଓ ଅପର ପକ୍ଷରେ ଏକ ବା ଏକାଧିକ ରାଜ୍ୟ ସରକାର ମଧ୍ୟରେ ବିବାଦ ।

(ଖ) ଏକ ପକ୍ଷରେ ଭାରତ ସରକାର ଓ ଏକ ବା ଏକାଧିକ ରାଜ୍ୟ ସରକାର ଏବଂ ଅନ୍ୟ ପକ୍ଷରେ ଏକ ବା ଏକାଧିକ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ।

(ଗ) ଦୁଇ ବା ତତୋଧିକ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ।

(ii) ମୌଳିକ ଅଧିକାର ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟର ସ୍ୱତନ୍ତ୍ର କ୍ଷମତା ରହିଛି । ଏହି ପରିପ୍ରେକ୍ଷୀରେ ହୁକୁମ୍‌ନାମା ଜାରି କରିବାର କ୍ଷମତା ଉଚ୍ଚତମ ନ୍ୟାୟାଳୟର ରହିଛି ।

(iii) ଜନସ୍ୱାର୍ଥ ମାମଲାଗୁଡ଼ିକର ଶୁଣାଣି ସିଧା ସଳଖ ଉଚ୍ଚତମ ନ୍ୟାୟାଳୟରେ ହୋଇପାରିବ (ଏହା ଏକ ବର୍ହିଃ-ସାମ୍ବିଧାନିକ ବ୍ୟବସ୍ଥା; ଜନସ୍ୱାର୍ଥ ମାମଲା ସଂକ୍ରାନ୍ତରେ ସମ୍ବିଧାନରେ କୌଣସି ଉଲ୍ଲେଖ ନାହିଁ ) ।

### ୧୨.୩.୨ ଆବେଦନମୂଳକ କ୍ଷମତା

ଯେଉଁ କ୍ଷମତା ବଳରେ ଏକ ଉଚ୍ଚ ଅଦାଲତ ଏକ ତଳ ଅଦାଲତର ରାୟକୁ ଶୁଣାଣି କରି ବିଚାର କରେ ତାକୁ ଆବେଦନମୂଳକ କ୍ଷମତା ବୋଲି କୁହାଯାଏ । ଉଚ୍ଚତମ ନ୍ୟାୟାଳୟର ବୃହତ୍ ଆବେଦନମୂଳକ

କ୍ଷମତା ରହିଛି । ଉଚ୍ଚନ୍ୟାୟାଳୟର ରାୟ ବିରୋଧରେ ଏହି ଅଦାଲତ ଆବେଦନ ଶୁଣି ପାରିବ । ସେଥିପାଇଁ ଏହା ଆବେଦନ ପାଇଁ ସର୍ବୋଚ୍ଚ ଓ ଅନ୍ତିମ ନ୍ୟାୟାଳୟ ଅଟେ । ଯଦି ମକଦ୍ଦମାର ଏକ ପକ୍ଷ ଉଚ୍ଚନ୍ୟାୟାଳୟର ରାୟ ଉପରେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ସେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିପାରିବେ । ଦେଓ୍ୱାନୀ, ଫୌଜଦାରୀ ଓ ସାମ୍ବିଧାନିକ ମକଦ୍ଦମା ଗୁଡ଼ିକରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରିବ ।

**(i) ଦେଓ୍ୱାନୀ ମକଦ୍ଦମା କ୍ଷେତ୍ରରେ ଆବେଦନ :**

ସମ୍ପତ୍ତି , ବିବାହ, ଅର୍ଥ, ଚୁକ୍ତି ଓ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ ଦେଓ୍ୱାନୀ ମକଦ୍ଦମା ବୋଲି କୁହାଯାଏ । ଯଦି ଦେଓ୍ୱାନୀ ମକଦ୍ଦମାଟିରେ ସାମ୍ବିଧାନିକ ବ୍ୟାଖ୍ୟା ଜନିତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଜଡ଼ିତ ଥାଏ ତେବେ ଉଚ୍ଚ ନ୍ୟାୟାଳୟ ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରେ । ପୂର୍ବରୁ ଦେଓ୍ୱାନୀ ମକଦ୍ଦମା ଗୁଡ଼ିକ ଉପରେ ଆର୍ଥିକ ସୀମା ୨୦.୦୦୦ଟଙ୍କା ଥିଲା କିନ୍ତୁ ବର୍ତ୍ତମାନ ୧୯୭୨ମସିହାର ୩୦ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଗୃହୀତ ହେବା ପାଇଁ ଦେଓ୍ୱାନୀ ମକଦ୍ଦମା ଗୁଡ଼ିକର କୌଣସି ସର୍ବନିମ୍ନ ଆର୍ଥିକ ସୀମା ନାହିଁ । ଯଦି ସମ୍ବିଧାନର ବ୍ୟାଖ୍ୟା ଜନିତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଜଡ଼ିତ ଥାଏ ତେବେ ଉଚ୍ଚ ନ୍ୟାୟାଳୟ ରାୟ ବିରୋଧରେ ଆବେଦନ କରାଯାଇପାରେ ।

**(ii) ଫୌଜଦାରୀ ମକଦ୍ଦମା କ୍ଷେତ୍ରରେ ଆବେଦନ**

ବିଭିନ୍ନ ପରିସ୍ଥିତିରେ ଫୌଜଦାରୀ ମାମଲାଗୁଡ଼ିକର ଉଚ୍ଚ ନ୍ୟାୟାଳୟର ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରିବ । ପ୍ରଥମତଃ ଅଧିକାର ବଶତଃ ଜଣେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିପାରିବ ଯଦି ଉଚ୍ଚନ୍ୟାୟାଳୟ ଆବେଦନଟିକୁ ପ୍ରତ୍ୟାଖ୍ୟାନ କରେ, ଅଥବା ତଳକୋର୍ଟ ଦ୍ୱାରା ଦୋଷୀକୁ ନିର୍ଦ୍ଦୋଷରେ ଖଲାସ ଓ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଏ ।

ଦ୍ୱିତୀୟତଃ, ଯଦି ଉଚ୍ଚନ୍ୟାୟାଳୟ ନିଜ ତରଫରୁ ତଳ କୋର୍ଟରୁ ମକଦ୍ଦମାଟିକୁ ଉଚ୍ଛେଦ କରି ବିଚାର କରେ ଓ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡ ଆଦେଶ ଦିଏ, ତେବେ ଉଚ୍ଚନ୍ୟାୟାଳୟର ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରିବ । ଏଭଳି ପରିସ୍ଥିତିରେ ଉଚ୍ଚନ୍ୟାୟାଳୟର ପ୍ରମାଣପତ୍ର ବିନା ମଧ୍ୟ ସ୍ୱାଧୀକାର ସ୍ୱରୂପ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରିବ ।

ଏହି ଦୁଇ ପ୍ରକାର ମକଦ୍ଦମା ବ୍ୟତୀତ ଯଦି ଉଚ୍ଚ ନ୍ୟାୟାଳୟ ପ୍ରମାଣ ପତ୍ର ଦିଅନ୍ତି ଯେ ଫୌଜଦାରୀ ମାମଲାଟି ଉଚ୍ଚତମ ନ୍ୟାୟାଳୟର ବିଚାରଯୋଗ୍ୟ ତେବେ ଉଚ୍ଚତମ ନ୍ୟାୟାଳୟଠାରେ ଏହା ଆବେଦନ କରାଯାଇ ପାରେ ।

ଯଦି ଉଚ୍ଚନ୍ୟାୟାଳୟ ଏଭଳି ପ୍ରମାଣପତ୍ର ଦେବାକୁ ମନା କରିଦିଅନ୍ତି, ତେବେ ଉଚ୍ଚତମ ନ୍ୟାୟାଳୟ ସେ ମକଦ୍ଦମାର ପୁନର୍ବିଚାର ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରନ୍ତି । ଅବଶ୍ୟ ଏହା ଏଭଳି ସ୍ୱତନ୍ତ୍ର ଅନୁମତି ନିଜ ତରଫରୁ କ୍ୱଚିତ୍ ପ୍ରଦାନ କରନ୍ତି ।

**(iii) ସାମ୍ବିଧାନିକ ମକଦ୍ଦମା କ୍ଷେତ୍ରରେ ଆବେଦନ**

ଏକ ସାମ୍ବିଧାନିକ ମକଦ୍ଦମା ଦେଓ୍ୱାନୀ ମାମଲା ନୁହେଁ କି ଅପରାଧ ସହିତ ଜଡ଼ିତ ନୁହେଁ । ଏହା ମୌଳିକ ଅଧିକାର ସମ୍ବନ୍ଧୀୟ ସମ୍ବିଧାନର ବିବିଧ ବ୍ୟାଖ୍ୟାଗୁଡ଼ିକ ଯୋଗୁ ସୃଷ୍ଟି ହୋଇଥିବା ମକଦ୍ଦମା । ଏଭଳି ସାମ୍ବିଧାନିକ ମକଦ୍ଦମା ଗୁଡ଼ିକରେ ଯଦି ଉଚ୍ଚ ନ୍ୟାୟାଳୟ ପ୍ରମାଣପତ୍ର ଦିଅନ୍ତି ଯେ ଏହି ମକଦ୍ଦମାରେ ସମ୍ବିଧାନର ବ୍ୟାଖ୍ୟାଜନିତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଜଡ଼ିତ ଅଛି । ତେବେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇ ପାରିବ ।



Notes

ଯଦି ଉଚ୍ଚ ନ୍ୟାୟାଳୟ ଏଭଳି ପ୍ରମାଣପତ୍ର ନ ଦିଅନ୍ତି, ତେବେ ଉଚ୍ଚତମ ନ୍ୟାୟାଳୟର ହୃଦ୍‌ବୋଧ ହେଲେ ସେହି ମକଦ୍ଦମା ଗୁଡ଼ିକର ପୁନର୍ବିଚାର ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିପାରିବ ।

### ୧୨.୩.୩ ପରାମର୍ଶ ଦାନ କ୍ଷମତା

ଏହି କ୍ଷମତାର ଅର୍ଥ ହେଲା ଅନୁରୋଧ କରାଗଲେ ନ୍ୟାୟାଳୟର ପରାମର୍ଶ ଦେବା ଅଧିକାରକୁ ବୁଝାଏ । ପରାମର୍ଶଦାନ କ୍ଷମତା ଅନୁଯାୟୀ ଭାରତର ରାଷ୍ଟ୍ରପତି ଜନସ୍ୱାର୍ଥ ଜନିତ ଓ ଆଇନଗତ ଜଟିଳତା ଥିବା ଏକ ଗୁରୁତ୍ୱର ବିଷୟ ଉପରେ ଉଚ୍ଚତମ ନ୍ୟାୟାଳୟର ମରାମର୍ଶ ମାଗିପାରନ୍ତି । କିନ୍ତୁ ଏ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟ ପରାମର୍ଶ ଦେବାକୁ ବାଧ ନୁହନ୍ତି । ରାଷ୍ଟ୍ରପତି ମଧ ଚାହିଁଲେ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ବା ମତାମତକୁ ଗ୍ରହଣ କରିପାରନ୍ତି ବା ଗ୍ରହଣ ନ କରିପାରନ୍ତି । ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ଗ୍ରହଣ କରିବାକୁ ରାଷ୍ଟ୍ରପତି ବାଧ ନୁହଁନ୍ତି । ଏ ପର୍ଯ୍ୟନ୍ତ, ଯେବେ ଉଚ୍ଚତମ ନ୍ୟାୟାଳୟ ନିଜର ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ତାହା ସବୁବେଳେ ଗ୍ରହଣ କରିଛନ୍ତି । ଅବଶ୍ୟ ଅଯୋଧାରେ ବାବ୍ରୀ ମସଜିଦ୍ ସ୍ଥାନରେ ରାମମନ୍ଦିର ରହିଥିଲା କି ନାହିଁ ପ୍ରଶ୍ନ ଉପରେ ଉଚ୍ଚତମ ନ୍ୟାୟାଳୟ ନିଜର ପରାମର୍ଶ ଦେବାକୁ ମନା କରିଦେଇଥିଲେ ।

## ୧୨.୪ ସମ୍ବିଧାନର ଅବିଭାବକ

ଭାରତର ସମ୍ବିଧାନ ହେଉଛି ଦେଶର ସର୍ବୋଚ୍ଚ ଆଇନ ଓ ଉଚ୍ଚତମ ନ୍ୟାୟାଳୟ ହେଉଛି ଏହାର ବ୍ୟାଖ୍ୟାକାର ଓ ରକ୍ଷକ । ଏହା କାର୍ଯ୍ୟପାଳିକା ବା ସଂସଦକୁ ସମ୍ବିଧାନ ଉଲ୍ଲଂଘନ କରିବା ପାଇଁ ଅନୁମତି ପ୍ରଦାନ କରେ ନାହିଁ । ଯଦି ସରକାରଙ୍କ କୌଣସି ପଦକ୍ଷେପ ମୌଳିକ ଅଧିକାରଗୁଡ଼ିକର ବିରୁଦ୍ଧାଚରଣ କରେ ତାହା ଉଚ୍ଚତମ ନ୍ୟାୟାଳୟଦ୍ୱାରା ପୁନରାବଲୋକନ ହୋଇଥାଏ । ଉଚ୍ଚତମ ନ୍ୟାୟାଳୟର ଏହି କ୍ଷମତାକୁ ନ୍ୟାୟିକ ପୁନରାବଲୋକନ ବୋଲି କୁହାଯାଏ ଯାହା ଆମେ ପରବର୍ତ୍ତୀ ପର୍ଯ୍ୟାୟରେ ପଢ଼ିବା । ଯଦି କୌଣସି ଆଇନ ସମ୍ବିଧାନ ବିରୋଧୀ ହୋଇଥାଏ ତାହାକୁ ଉଚ୍ଚତମ ନ୍ୟାୟାଳୟ ଅସିଦ୍ଧ ଘୋଷଣା କରିପାରନ୍ତି । ଏହି ନ୍ୟାୟିକ ପୁନରାବଲୋକନ କ୍ଷମତା ଭିତ୍ତିରେ ହିଁ ଉଚ୍ଚତମ ନ୍ୟାୟାଳୟକୁ ସମ୍ବିଧାନର ରକ୍ଷକ ବୋଲି କୁହାଯାଏ । ଏହାକୁ ମଧ 'ସ୍ୱାଧିନତାର ପ୍ରବର୍ତ୍ତକ' ଓ 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ' ବୋଲି କୁହାଯାଏ ।

ଏହି ସନ୍ଦର୍ଭରେ ଉଚ୍ଚତମ ନ୍ୟାୟାଳୟର ଭୂମିକା ଓ କାର୍ଯ୍ୟଗୁଡ଼ିକ ପ୍ରଶସ୍ତ ଓ ସର୍ବବ୍ୟାପୀ ଅଟେ ।

### ୧୨. ୪. ୧ ମୌଳିକ ଅଧିକାରର ରକ୍ଷକ

ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ ପାଇଁ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ମିଳିତ ଅଧିକାର ସ୍ୱରୂପ ନିର୍ଦ୍ଦେଶ, ଆଦେଶ ଓ ହୁକୁମନାମା ଜାରି କରିପାରିବେ । ବିଭିନ୍ନ ପ୍ରକାରର ହୁକୁମନାମା ଗୁଡ଼ିକ ହେଲା : ବନ୍ଦୀ ପ୍ରତ୍ୟକ୍ଷୀକରଣ, ପରମାଦେଶ, ପ୍ରତିଷେଧ, ଉତ୍ପ୍ରେକ୍ଷଣ ଓ ଅଧିକାର ପୃଚ୍ଛା । ଏହି ହୁକୁମନାମା ଗୁଡ଼ିକ ଉଚ୍ଚତମ ନ୍ୟାୟାଳୟକୁ ମୌଳିକ ଅଧିକାରର ରକ୍ଷକ ଭାବେ ଅଭିହିତ କରିଥାଏ । ଧାରଣାଟି ହେଲା, ଯଦି କୌଣସି ଆଇନ ବା ଅଧିକାରର ଉଲ୍ଲଘନ ହେଉଛି, ତେବେ ସମ୍ବିଧାନ ସହିତ ଖାପଖୁଆଇ ଚାଲିବା ପାଇଁ ଆଦାଲତ ନିର୍ଦ୍ଦେଶ ଦେଇ ପାରିବେ । ଏହିପରି ମୌଳିକ ଅଧିକାର ପାଇଁ ଭାରତୀୟ ନାଗରିକମାନେ ସୁରକ୍ଷିତ ଅଟନ୍ତି । ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ହୋଇଥିବା ଆଇନକୁ ଉଚ୍ଚତମ ନ୍ୟାୟାଳୟ ଅବୈଧ ବୋଲି ଘୋଷଣା କରିପାରେ ଯଦି ତାହା ମୌଳିକ ଅଧିକାରକୁ ଉଲ୍ଲଙ୍ଘନ କରୁଥିବ । ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏପରି ଅନେକ ଆଇନକୁ ଉଚ୍ଚତମ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ କରିଛି । ଏହା ପ୍ରତିପାଦନ କରେ କିପରି ଉଚ୍ଚତମ ନ୍ୟାୟାଳୟ ମୌଳିକ ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛି ।

**ହୁକୁମନାମା : ଏହା ଜନସାଧାରଣଙ୍କର ଅଧିକାର ବଜାୟ ରଖିବାକୁ ପଦକ୍ଷେପ ନେବାପାଇଁ ତଳ କୋଟ ବା ରାଷ୍ଟ୍ରର କାର୍ଯ୍ୟନିର୍ବାହୀଙ୍କୁ ଜାରି କରାଯାଇଥିବା ଏକ ଆଦେଶ ଅଟେ ।**

## ୧୨.୪.୨ ନିଜ ରାୟର ପୁନର୍ବିଚାର

ଯଦି ଉଚ୍ଚତମ ନ୍ୟାୟାଳୟ ଅନୁଭବ କରେ ଯେ କିଛି ନୂଆ ତଥ୍ୟ ବା ପ୍ରମାଣ ଆସିଛି ଅଥବା ଏହାର ପୂର୍ବ ରାୟରେ କୌଣସି ଦୋଷତ୍ରୁଟି ରହିଯାଇଛି ତେବେ ସେହି ମାମଲାକୁ ପୁନର୍ବିଚାର କରି ନିଜ ରାୟ ବଦଳାଇବାର କ୍ଷମତା ତାର ରହିଛି । ଯଦି ପୁନର୍ବିଚାର ପାଇଁ କୌଣସି ଆବେଦନ କରାଯାଏ ତେବେ ଯାଇ ଉଚ୍ଚତମ ନ୍ୟାୟାଳୟ ଏହି କାର୍ଯ୍ୟ କରିଥାଏ । ସାଧାରଣତଃ ପୁନର୍ବିଚାର କାର୍ଯ୍ୟ ମୂଳ ମାମଲା ରାୟ ଅପେକ୍ଷା ଏକ ବୃହତ୍ ଖଣ୍ଡପୀଠ ଦ୍ୱାରା ସମ୍ପାଦିତ ହୋଇଥାଏ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୨.୨

**ଶୂନ୍ୟସ୍ଥାନ ପୂରଣ କର ।**

(i) ଦୁଇ ବା ତତୋଽଧିକ ରାଜ୍ୟ ମଧ୍ୟରେ ବିବାଦ ଉଚ୍ଚତମ ନ୍ୟାଳୟାଳୟର ______ କ୍ଷମତା ମଧ୍ୟରେ ଆସିଥାଏ । (ମୌଳିକ / ଆବେଦନମୂଳକ /ପରାମର୍ଶଦାନ)

(ii) ଭାରତର ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବାପାଇଁ ଉଚ୍ଚତମ ନ୍ୟାୟାଳୟ ______ ।(ବାଧ / ବାଧ ନୁହେଁ)

(iii) ଭାରତ ସମ୍ବିଧାନର ବ୍ୟାଖ୍ୟା କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ______ ଠାରେ ନ୍ୟସ୍ତ ରହିଛି । (ଉଚ୍ଚନ୍ୟାଳୟାଳୟ /ଉଚ୍ଚତମ ନ୍ୟାୟାଳୟ / ଦୌରା କୋର୍ଟ)

## ୧୨. ୫ ନ୍ୟାୟିକ ପୁନରାବଲୋକନ

ଏହା ଏକ ପ୍ରକ୍ରିୟା ଯାହାଦ୍ୱାରା ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନ ଓ କାର୍ଯ୍ୟପାଳିକାର କାର୍ଯ୍ୟକଳାପ ସାମ୍ବିଧାନିକ କି ନାହିଁ ତାହା ନ୍ୟାୟପାଳିକା ଦ୍ୱାରା ପରିକ୍ଷୀତ ହୋଇଥାଏ । ନ୍ୟାୟିକ ପୁନରାବଲୋକନ କ୍ଷମତାଟି ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରୀକାର ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ସଂଗୃହୀତ ହୋଇଥିଲା । ବର୍ତ୍ତମାନ ଏହା ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ରରେ ଅବାଧଭାବେ କାର୍ଯ୍ୟକାରୀ ହେଉଛି । ଆମ ଉଚ୍ଚନ୍ୟାୟାଳୟମାନେ ମଧ୍ୟ ଏହି କ୍ଷମତା କାର୍ଯ୍ୟକାରୀ କରୁଛନ୍ତି । ନ୍ୟାୟିକ ପୁନରାଲୋକନ ଅର୍ଥ ନୁହେଁ ଯେ ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ସମସ୍ତ ପ୍ରକାର ଆଇନ ଉଚ୍ଚନ୍ୟାୟାଳୟ ଦ୍ୱାରା ପୁନଃପରୀକ୍ଷା କରାଯାଏ । ଏହାର ଅର୍ଥ ହେଲା ଯେତେବେଳେ ସୁଯୋଗ ମିଳେ ଉଚ୍ଚତମ ନ୍ୟାୟାଳୟ ଆଇନର ପୁନରାବଲୋକନ କରିଥାଏ । ଏହା ଦୁଇଟି ମାଧ୍ୟମରେ ସମ୍ଭବ । ପ୍ରଥମତଃ, ଯଦି ଆଇନର ବୈଧତା ପ୍ରତି ଆହ୍ୱାନ ସୃଷ୍ଟି ହୁଏ ତେବେ ନ୍ୟାୟାଳୟ ତାର ପୁନରାବଲୋକନ କରିପାରେ । ଅନ୍ୟ ଏକ ପରିସ୍ଥିତିରେ ମଧ୍ୟ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ଆଇନର ପୁନରାବଲେକନ ପାଇଁ ସୁଯୋଗ ପାଇଥାନ୍ତି । ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଅନୁଭବ କରନ୍ତି ଯେ ତାଙ୍କର ଅଧିକାର କ୍ଷୁର୍ଣ୍ଣ ହେଉଛି ବା ତାକୁ କୌଣସି ସୁବିଧାରୁ ବଞ୍ଚିତ କରାଯାଉଛି ତେବେ ଅଦାଲତ ଇଚ୍ଛାକଲେ ଯେଉଁ ଆଇନ ତାକୁ ସୁରକ୍ଷା ଦେଉଛି ତାକୁ ଅଣସାମ୍ବିଧାନିକ ବୋଲି ଘୋଷଣା କରିପାରେ ।

ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନ୍ୟାୟିକ ପୁରୋବଲୋକନ କ୍ଷମତାଟି ଜନସାଧାରଣଙ୍କ ଅଧିକାର ପ୍ରତି ଏକ ରକ୍ଷାକବଚ ସଦୃଶ । ଏହା ଛଡ଼ା ଉଚ୍ଚତମ ନ୍ୟାୟାଳୟ ସମ୍ବିଧାନିର ବିଭିନ୍ନ ବ୍ୟବସ୍ଥାକୁ ବ୍ୟାଖ୍ୟା କରି ଆସୁଛି । ଏହାର ନିଷ୍ପତ୍ତି ସବୁ ରାଷ୍ଟ୍ରର ଆଇନ ଭଳି ପରିଗଣିତ ହୋଇଥାଏ ।

ନାଗରିକମାନଙ୍କର ସ୍ୱାଧୀନତା, ବିଶେଷକରି ମୌଳିକ ଅଧିକାରର ସୁରକ୍ଷା କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟ କି ଭୂମିକା ନିର୍ବାହ କରିଛି ଚାଲ ବର୍ତ୍ତମାନ ତାହା ଦେଖିବା । ସମାନତା ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର

ଯାହା ଆଇନ ଆଗରେ ସମସ୍ତେ ସମାନ ବୋଲି ବିବେଚନା କରେ । ସମାନତା ଅଧିକାରର ଅନ୍ୟଏକ ଅର୍ଥହେଲା ସମାଜରୁ ସ୍ୱତନ୍ତ୍ର ସୁବିଧା ଓ ଅସାମାନତାର ଉଚ୍ଛେଦ । ସେଥିପାଇଁ 'ସୁରକ୍ଷାମୂଳକ ଭେଦଭାବ' ନାମରେ ଉଚ୍ଚତମ ନ୍ୟାୟାଳୟ ବିଭିନ୍ନ ପ୍ରକାର ସୁବିଧା ଯଥା ଆରକ୍ଷଣ ଓ ଯୋଗ୍ୟତା ମାପକାଠିରେ କୋହଳତା ଆଦିକୁ ନ୍ୟାଯ୍ୟ ବୋଲି ଅଭିହିତ କରିଛନ୍ତି ।

ସ୍ୱାଧିନତା ଅଧିକାର ଆମକୁ ବିଭିନ୍ନ ପ୍ରକାର ଅଧିକାର ସବୁ ପ୍ରଦାନ କରିଛି । କିନ୍ତୁ ସମ୍ବାଦ ପତ୍ରର ସ୍ୱାଧିନତା ବିଷୟରେ ସମ୍ବିଧାନରେ ଉଲ୍ଲେଖ ନାହିଁ । ଉଚ୍ଚତମ ନ୍ୟାୟାଳୟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି ଯେ ସ୍ୱାଧିନଭାବେ ମତବ୍ୟକ୍ତ କରିବାର ଅଧିକାର ମଧ୍ୟରେ ସମ୍ବାଦପତ୍ରର ସ୍ୱାଧିନତା ଅନ୍ତର୍ନିହିତ ଅଛି । ଏହିପରି ନ୍ୟାୟାଳୟ ସ୍ୱାଧିନତା ଅଧିକାରର ସଂଜ୍ଞା ବ୍ୟାପକ କରିଛନ୍ତି ।

ଉଚ୍ଚତମ ନ୍ୟାୟାଳୟ ଜାଣିବାର ଅଧିକାର, ଯାହାକି ନାକରିକମାନଙ୍କ ବିକାଶ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ସମର୍ଥ କରିଥାଏ, ତାକୁ ଏକ ଗୁରୁତ୍ୱର୍ଣ୍ଣ ଅଧିକାର ରୂପେ ବିବେଚନା କରିଛନ୍ତି । ନ୍ୟାୟାଳୟର ନିଷ୍ପତ୍ତି କ୍ରମେ ଶିକ୍ଷାଗତ ଓ ସୁସ୍ଥ ପରିବେଶ ପାଇବାର ଅଧିକାର ଧାରା ୨୧ ରେ ଥିବା ବଞ୍ଚିବାର ଅଧିକାର ମଧ୍ୟରେ ନିହିତ ଅଛି ।

ମାମଲାଗୁଡ଼ିକର ଫଇସଲାରେ ଦେଖାଯାଉଥିବା ବିଳମ୍ବକୁ ନେଇ ଉଚ୍ଚତମ ନ୍ୟାୟାଳୟ କହିଛନ୍ତି ଯେ ବିଚାରରେ ବିଳମ୍ବତାହିଁ ବ୍ୟର୍ଥ ନ୍ୟାୟ ଅଟେ । ଏହା ପୁଣି ମଧ୍ୟ କହିଛନ୍ତି ଯେ ଦ୍ରୁତ ନ୍ୟାୟ, ବିଚାରଧୀନମାନଙ୍କୁ ଜାମିନ, ଗରୀବ ବିଚାରଧୀନ ବ୍ୟକ୍ତିଙ୍କୁ ମାଗଣା ଆଇନସେବା ଆଦି ଗୋଟିଏ ଗୋଟିଏ ମୌଳିକ ଅଧିକାର ଅଟେ ।

ଉଚ୍ଚତମ ନ୍ୟାଳୟାଳୟ ନିଜର ନ୍ୟାୟିକ ପୁନରାବଲୋକନ କ୍ଷମତା ବ୍ୟବହାର କରି ବ୍ୟକ୍ତିର ମୌଳିକ ଅଧିକାର ସୁରକ୍ଷା ସମ୍ପର୍କରେ ବିଭିନ୍ନ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ସଂଖ୍ୟାଲଘୁ ଗୋଷ୍ଠୀର ଭାଷାଗତ ଅଧିକାର, ଜନସାଧାରଣଙ୍କର ଧର୍ମଗତ ଅଧିକାର, ଶ୍ରମିକ ଓ ଦିନ ମଜୁରିଆଙ୍କ କଲ୍ୟାଣ ପାଇଁ ଉଚ୍ଚତମ ନ୍ୟାୟାଳୟ ରକ୍ଷା କବଚ ସାଜିଛି ।

ସମାଜରେ ଥିବା ଗୋଡି ଶ୍ରମିକ, ମହିଳା, ଶିଶୁ, ଓ ଅବହେଳିତ ବର୍ଗର ଜନତାଙ୍କ ସୁରକ୍ଷା ପାଇଁ ଉଚ୍ଚତମ ନ୍ୟାୟାଳୟ ଅନେକ ପଦକ୍ଷେପ ନେଇଛନ୍ତି ।

ନିଃସନ୍ଦେହରେ କହିବାକୁ ଗଲେ ଉଚ୍ଚତମ ନ୍ୟାୟାଳୟ ନିଜ ନ୍ୟାୟିକ ପୁନରାବଲୋକନ କ୍ଷମତା ବଳରେ ଜୀବନର ସବୁ ସମୟରେ ଆମ ଅଧିକାର ଗୁଡ଼ିକୁ ସୁରକ୍ଷିତ କରି ରଖିଛି । ଉଚ୍ଚତମ ନ୍ୟାୟାଳୟ ବିଭିନ୍ନ କାଳଜୟୀ ନିଷ୍ପତ୍ତିମାନ ନେଇଛନ୍ତି । ନ୍ୟାୟିକ କ୍ରିୟାଶୀଳତା ବଳରେ ଉଚ୍ଚତମ ନ୍ୟାୟାଳୟ ଏହିଭଳି କିଛି ନିଷ୍ପତ୍ତିମାନ ନେଇଛନ୍ତି ଯଥା ପରିବେଶ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀରେ ଗମନାଗମନ ପାଇଁ ଉଦ୍ଦିଷ୍ଟ ଯାନବାହାନରେ CNG ହବ୍ୟବହାର ବାଧ୍ୟତା ମୂଳକ କରାଯାଇଛି । ସେହିପରି ଲୋକଙ୍କର ଜୀବନର ସୁରକ୍ଷା ପାଇଁ ଏହା ରାସ୍ତାରେ ଦିଚକିଆ ଯାନ ଚଳାଉଥିବା ଓ ପଛରେ ବସିଥିବା ବ୍ୟକ୍ତିଙ୍କ ପାଇଁ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରିଛି ।

ଜନସାଧାରଣଙ୍କ ଅଧିକାରର ସୁରକ୍ଷା ପାଇଁ ନ୍ୟାୟିକ ପୁନରାବଲୋକନ କ୍ଷମତାଟି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଅଟେ । ଏହା କୌଣସି ସମ୍ବିଧାନ ଉଲ୍ଲଂଘନକୁ ପ୍ରଶୟ ଦିଏ ନାହିଁ । ଏହା ସମ୍ବିଧାନିକ ବ୍ୟବସ୍ଥାର ବହୁବିଧ ନୂତନ ବ୍ୟାଖ୍ୟା ସୃଷ୍ଟି କରିଛି । ଏପରିଭାବେ ଏହା ସମ୍ବିଧାନକୁ ସୁରକ୍ଷିତ ଓ ବ୍ୟାପକ କରିଛି ।

## ୧୨.୬ ଜନସ୍ୱାର୍ଥ ସମ୍ବଳିତ ମାମଲା (PIL)

ପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ସମେତ ସମ୍ପୂର୍ଣ୍ଣ ନ୍ୟାୟପାଳିକା ଏଭଳି ମାମଲା ଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରୁଥିଲା ଯାହାକି ପରୋକ୍ଷରେ ବା ପ୍ରତ୍ୟକ୍ଷରେ ପ୍ରଭାବିତ ହେଉଥିବା ପକ୍ଷ ପାଖରୁ ନ୍ୟାୟାଳୟର ବିଚାର

ପାଇଁ ଅଣା ଯାଉଥିଲା । ନିଜର ମୌଳିକ ଓ ଆବେଦନମୂଳକ କ୍ଷମତା ଆଧାରରେ ଏହା ଏହିସବୁ ମାମଲାଗୁଡ଼ିକ ଫଇସଲା କରୁଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଚତମ ନ୍ୟାୟାଳୟ ଜନସ୍ୱାର୍ଥ ସମ୍ବଳିତ ମାମଲା ଭିତ୍ତିରେ ବିଭିନ୍ନ ମକଦ୍ଦମା ଗୁଡ଼ିକ ଗ୍ରହଣ କରିବାକୁ ଲାଗିଲେ । ଏହାର ଅର୍ଥ ହେଲା, ମାମଲା ସହିତ ପ୍ରତ୍ୟକ୍ଷଭାବେ ଜଡ଼ିତ ନଥିବା ବ୍ୟକ୍ତି ମଧ୍ୟ ଜନସ୍ୱାର୍ଥ ନାମରେ ବିଭିନ୍ନ ବିଷୟ ନ୍ୟାୟାଳୟର ଦୃଷ୍ଟିଗୋଚରକୁ ଆଣି ପାରିବେ । ଅବଶ୍ୟ ଜନସ୍ୱାର୍ଥ ସମ୍ବଳିତ ମାମଲା ବିଚାର ପାଇଁ ଗ୍ରହଣ କରିବା କି ନ କରିବା ଏହା ନ୍ୟାୟାଳୟର ନିଜସ୍ୱ ଅଧିକାର । ନ୍ୟାୟମୂର୍ତ୍ତି ପି. ଏନ୍. ଭଗବତୀଙ୍କୁ 'ଜନସ୍ୱାର୍ଥ ମାମଲା' ଧାରଣାର ପ୍ରବର୍ତ୍ତକ ବୋଲି କୁହାଯାଏ । ଜନସ୍ୱାର୍ଥ ମାମଲାର ଗୁରୁତ୍ୱ ଏଥିପାଇଁ ଉପଲବ୍ଧି ସମ୍ବଳିତ କରିହୁଏ କାରଣ ଏହାଦ୍ୱାରା ସମାଜରେ ଥିବା ଦରିଦ୍ର ଓ ଦୁର୍ବଳ ଶ୍ରେଣୀର ଜନତାଙ୍କୁ ସହଜରେ ନ୍ୟାୟ ମିଳିଥାଏ । ସାମ୍ବାଦିକ, ଓକିଲ ଓ ସମାଜସେବୀଙ୍କଠାରୁ ପତ୍ର ମାଧ୍ୟମରେ ଓ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟକୁ ଆଧାର କରି ଉଚ୍ଚତମ ନ୍ୟାୟାଳୟ ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟ ହାତକୁ ନେଇଛନ୍ତି । କିଛି ଉଦାହରଣକୁ ବିଚାରକୁ ନେଇ ଚାଲ ଦେଖିବା କିପରି ଜନସ୍ୱାର୍ଥ ସମ୍ବଳିତ ମାମଲା ଲୋକଙ୍କୁ ନ୍ୟାୟ ପାଇବାରେ ସାହାଯ୍ୟ କରୁଛି ।

ଜନସ୍ୱାର୍ଥ ମାମଲା ଅନୁଯାୟୀ ବେଆଇନଭାବେ ଅଟକଥିବା ବିଚାରଧୀନ ବନ୍ଦୀ ମାନଙ୍କର ଅଧିକାର ଗୁଡ଼ିକ ସୁରକ୍ଷିତ ରଖାଯାଇ ପାରିଛି । ଏହିଭଳି ବିନା ବିଚାରରେ ଅଟକଥିବା ଅନେକ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ବ୍ୟକ୍ତିଗତ ସ୍ୱାଧୀନତା ଆଧାରରେ ଉଚ୍ଚତମ ନ୍ୟାୟାଳୟ ଆଦେଶ ଦେଇଛନ୍ତି ଯାହାକି ନ୍ୟାୟିକ ବା ଅମଲାତାନ୍ତ୍ରିକ ଅପାରଗତ ଯୋଗୁ ବନ୍ଦ କରାଯାଇ ପାରୁ ନଥିବା ଗୋଠି ଶ୍ରମିକ, ଆଦିବାସୀ, ବସ୍ତିବାସିନ୍ଦା, ଆଶ୍ରୟ ଗୃହରେ ଥିବା ମହିଳା, ବାଳସୁଧାର ଗୃହର ଶିଶୁ, ବାଳ ଶ୍ରମିକ ଇତ୍ୟାଦି ଶ୍ରେଣୀର ମୁକ୍ତିପାଇଁ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ପଦକ୍ଷେପ ନେଇଛନ୍ତି ।

ପରିବେଶ ପ୍ରଦୂଷଣ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟ କାନପୁର, ଦିଲ୍ଲୀ ଓ ଅନ୍ୟକେତେକ ସ୍ଥାନରେ ଥିବା କଳ କାରଖାନା ଗୁଡ଼ିକୁ ବନ୍ଦ କରିବାକୁ ଆଦେଶ ଦେଇଛନ୍ତି ।

ଏହିପରି ଅଧିକରୁ ଅଧିକ ନିଷ୍ପତ୍ତି ଉଚ୍ଚତମ ନ୍ୟାୟାଳୟଠାରୁ ଆସୁଥିବାରୁ ଜନସ୍ୱାର୍ଥ ସମ୍ବଳିତ ମାମଲାର ପରିସର ପ୍ରଶସ୍ତ ହେବାରେ ଲାଗିଛି । ବର୍ତ୍ତମାନ ଜଣେ ବ୍ୟକ୍ତି ଏକ ପତ୍ର ମାଧ୍ୟମରେ ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିପାରିବେ । ଯଦି ଉଚ୍ଚତମ ନ୍ୟାୟାଳୟ ବିଶ୍ୱାସ କରନ୍ତି ଯେ ଏହା ଜନସ୍ୱାର୍ଥ ସମ୍ବଳିତ ତେବେ ପତ୍ରଟିକୁ ଏକ ମାମଲା ରୂପେ ଗ୍ରହଣ କରି ଏହା ଉପରେ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେବେ ଯାହାଦ୍ୱାରା ଜନସ୍ୱାର୍ଥ ରକ୍ଷା କରାଯାଇ ପାରିବ । ଏହି ଜନସ୍ୱାର୍ଥ ସମ୍ବଳିତ ମାମଲା ପ୍ରକ୍ରିୟାଟି ନ୍ୟାୟିକ କ୍ରିୟାଶୀଳତାକୁ ବୃଦ୍ଧି କରିବାରେ ସହାୟକ ହୋଇଛି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୨.୩


(i) ନ୍ୟାୟିକ ପୁନରାବଲୋକନ କ'ଣ ?

(ii) ଜନସ୍ୱାର୍ଥ ସମ୍ବଳିତ ମାମଲାର ଅର୍ଥ କଣ ?

(iii) ଉଚ୍ଚତମ ନ୍ୟାୟାଳୟର କେଉଁ କ୍ଷମତା ମୌଳିକ ଅଧିକାର ଗୁଡ଼ିକର ସୁରକ୍ଷା ଦେଇଥାଏ ?

## ତୁମେ କ'ଣ ଶିକ୍ଷା କଲ

ଭାରତୀୟ ନ୍ୟାୟପାଳିକାର ପ୍ରମୁଖ ବୈଶିଷ୍ଟ୍ୟ ହେଲା ଏହାର ଏକକ ,କିକୃତ ଓ ସୁସଂହତି ନ୍ୟାୟିକ ବ୍ୟବସ୍ଥା ରହିଛି ।





ଉଚ୍ଚତମ ନ୍ୟାୟାଳୟ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅଟେ । ଏହା ଜଣେ ମୁଖ୍ୟ ବିଚାରପତି ଓ ୨୫ଜଣ ଅନ୍ୟ ବିଚାରପତିଙ୍କୁ ନେଇ ଗଠିତ । ସେମାନଙ୍କୁ ଭାରତର ରାଷ୍ଟ୍ରପତି ନିଯୁକ୍ତି ଦିଅନ୍ତି । ଉଚ୍ଚତମ ନ୍ୟାୟାଳୟର ଏକ ବିଚାରପତି ମଣ୍ଡଳୀ ସେମାନଙ୍କ ନାମସବୁ ସୁପାରିସ କରିଥାଆନ୍ତି । ସେମାନେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ନିଜ ପଦବୀରେ ରୁହନ୍ତି । ଏକ ଜଟିଳ ପ୍ରକ୍ରିୟା ଦ୍ୱାରା ସେମାନଙ୍କୁ ପଦରୁ ବହିଷ୍କାର କରାଯାଇପାରେ ।

ଉଚ୍ଚତମ ନ୍ୟାୟାଳୟ ନିଜର ମୌଳିକ ଆବେଦନ ମୂଳକ କ୍ଷମତା ବଳରେ ମକଦ୍ଦମା ଗୁଡ଼ିକ ବିଚାର କରନ୍ତି । ଏହା ସମ୍ବିଧାନର ଅବିଭାବକ ଓ ମୌଳିକ ଅଧିକାର ଗୁଡ଼ିକର ରକ୍ଷକ ଅଟେ । ଏହା ଏକ ଅଭିଲେଖ ଅଦାଲତ ଅଟେ ଓ ଅଦାଲତର ଅବମାନନା ପାଇଁ ଏହା ଦଣ୍ଡ ବିଧାନ କରିପାରିବ ।

ନ୍ୟାୟିକ ପୁନରାବଲୋକନ ବଳରେ ଉଚ୍ଚତମ ନ୍ୟାୟାଳୟ ଯେ କୌଣସି ଆଇନକୁ ଅସିଦ୍ଧ ଘୋଷଣା କରିପାରେ ଯଦି ତାହା ଦେଶର ପ୍ରଚଳିତ ଆଇନର ବିରୁଦ୍ଧାଚରଣ କରୁଥାଏ । ଏହା ସମ୍ବିଧାନକୁ ବ୍ୟାଖ୍ୟା କରି ଏହାର ବିଭିନ୍ନ ଅସ୍ପଷ୍ଟ ବିଧିବ୍ୟବସ୍ଥାକୁ ବୁଝାଇଦିଏ ।

ଜନସ୍ୱାର୍ଥ ସମ୍ବଳିତ ମାମଲା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଶେଷ ସହାୟକ ହୋଇଥାଏ । ଏହା ନ୍ୟାୟିକ କ୍ରିୟାଶୀଳତାରେ ପରିଣତ ହୋଇଛି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଉଚ୍ଚତମ ନ୍ୟାୟାଳୟର ଗଠନ ବର୍ଣ୍ଣନା କର ।

୨। ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କୁ କିପରି ବହିଷ୍କାର କରାଯାଇ ପାରିବ ?

୩। ଉଚ୍ଚତମ ନ୍ୟାୟାଳୟର ମୌଳିକ ଓ ଆବେଦନ ମୂଳକ କ୍ଷମତା ବୁଝାଇ ଦିଅ ।

୪। 'ଉଚ୍ଚତମ ନ୍ୟାୟାଳୟ ଭାରତୀୟ ସମ୍ବିଧାନର ଅବିଭାବକ ଓ ମୌଳିକ ଅଧିକାରର ରକ୍ଷକ' । ବୁଝାଇ ଦିଅ ।

୫। ଆମର ଦୈନନ୍ଦିନ ଜୀବନରେ ଜନସ୍ୱାର୍ଥ ମାମଲାର ଗୁରୁତ୍ୱ ବୁଝାଇ ଦିଅ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୨.୧**

(i) ରାଷ୍ଟ୍ରପତି

(ii) ୨୫

(iii) ୬୫

(iv) ଆଇନଜ୍ଞ

**୧୨.୨**

(i) ମୌଳିକ

(ii) ବାଧ୍ୟ ନୁହେଁ

(iii) ଉଚ୍ଚତମ ନ୍ୟାୟାଳୟ

୧୨.୩

(i) ଆଇନର ସାମ୍ବିଧାନିକ ବୈଧତା ନିରୂପଣ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟର କ୍ଷମତା ।

(ii) ଜନସ୍ୱାର୍ଥ ସମ୍ବଳିତ ମାମଲା - ଜନସ୍ୱାର୍ଥ ସମ୍ବଳିତ ବିଷୟ ଗୁଡ଼ିକ ଶୁଣାଣି କରିବା ।

(iii) ନ୍ୟାୟିକ ପୁନରାବଲୋକନ ।

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

(୧) ଭାଗ ୧୨.୧ ରୁ ୧୨.୨.୨ ଦେଖ

(୨) ଭାଗ ୧୨.୨.୧ ଦେଖ

(୩) ଭାଗ ୧୨.୩.୧ ଓ ୧୨.୩.୨ ଦେଖ

(୪) ଭାଗ ୧୨.୪, ୧୨.୪.୧ ଓ ୧୨.୪.୨ ଦେଖ

(୫) ଭାଗ ୧୨.୬ ଦେଖ ।